# ପିଲାଙ୍କ ଧରିତ୍ରୀ

ଶନିବାର, ୨୯ ଏପ୍ରିଲ, ୨୦୨୩



# ସେନ୍ତେରୀ ବୁଢ଼ୀର ଦଶ ଟଙ୍କା

## ଗପ

ଆମ ଗାଁର ସେନ୍ତେରୀ ବୁଢ଼ୀଟି ଭାରି ଗରିବ। ତା'ର ପିଲାପିଲି ନ ଥା'ନ୍ତି। ଅନେକ ଦିନ ପୂର୍ବରୁ ସ୍ୱାମୀ ବି ଚାଲିଯାଇଥାଆନ୍ତି ଆରପାରିକୁ। ଗାଁ ମୁଣ୍ଡର ଏକ ଚାଳିଆ ଘରେ ସେ ରହେ। ହେଲେ, ଗାଁର ସଭିଏଁ ତାକୁ ଆଦର କରନ୍ତି। ତା'ର ଭଲ-ମନ୍ଦରେ ଆସି ଠିଆ ହୁଅନ୍ତି। ସେ ମଧ୍ୟ ସମସ୍ତଙ୍କୁ ସ୍ନେହ ଆଦର କରେ।

ଦିନକର କଥା। ସକାଳୁ ସକାଳୁ ସେ ତା' ଘର ଆଗ ଅଗଣାକୁ ଓଳାଉଥିଲା। ଦେଖିଲା, ପାହାଚ ତଳକୁ ପଡ଼ିଛି ବନ୍ଧା ହୋଇଥିବା କାଗଜ ପୁଟୁଳାଟିଏ। ତାକୁ ସେ ଉଠାଇ ଆଣି ଖୋଲିଲା। ସେଥିରେ ଥିଲା ଦଶଟି ରୁପା ଟଙ୍କା।

ସେତେବେଳେ ଟଙ୍କାର ହିସାବ ଆଜିକାଲିକା ଠାରୁ ଅଲଗା ଥିଲା। ତାହା ଶହେ ପଇସା ବଦଳରେ ଥିଲା ଚଉଷଠି ପଇସା। ତା'ଛଡା ଆଉ ସବୁ ମୁଦ୍ରା ଥିଲା, ଏକ ପଇସି (ଏକ ପଇସା), ଅଣି (ଚାରି ପଇସା), ଦୋଅଣି (ଆଠ ପଇସା), ସୁଉକି ବା ଚାରଣି (ଷୋଳ ପଇସା) ଏବଂ ଆଠଣି (ବତିଶ ପଇସା)। ସେ ସବୁ ନାନା ଧାତୁରେ ତିଆରି ହେଉଥିଲା। ଏକ ପଇସି ତମ୍ବାରେ, ଦୋଅଣି, ସୁଉକି ଓ ଆଠଣି କଂସାରେ ଏବଂ ଟଙ୍କା ରୁପାରେ। ଆଜିକାଲି ମୁଦ୍ରା ସବୁ ତିଆରି ହେଉଛି ଷ୍ଟେନଲେସ୍ ଷ୍ଟିଲ୍‌ରେ।

ଟଙ୍କାର ମୂଲ୍ୟ ଏବେ ବିଶେଷ କିଛି ନାହିଁ। ହେଲେ ସେତେବେଳେ ଟଙ୍କାଏ କହିଲେ ବହୁତ କିଛିକୁ ବୁଝାଉଥିଲା। ଦିନକର ମଜୁରି ଥିଲା ଏହାଠାରୁ କମ୍। ସେତେବେଳେ ବରାଟିଏର ଦାମ୍ ଏକ ପଇସା ଥିବାବେଳେ ହୋଟେଲରେ ମାଛ ମାଂସ ସହ ପୂରା ମିଲ୍ ଖାଇବାକୁ ମିଳୁଥିଲା ଚାରି ଅଣା ଛଅ ଅଣାରେ। ଏଣୁ ଏକାଠି ଦଶ ଟଙ୍କା ପାଇବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟୁଥିଲା। ସେନ୍ତେରୀ ବୁଢ଼ୀ ତ ଦଶ ଟଙ୍କା କେବେ ଦେଖି ବି ନ ଥିଲା। ଏଣୁ ଏବେ ତାହା ଦେଖି ସେ ପ୍ରଥମେ ହଡ଼ବଡ଼େଇ ଗଲା।

ଖୁସିରେ ତା' ହାତଗୋଡ଼ ଥରିବାକୁ ଲାଗିଲା। ଏଣୁ ଚଟାପଟ୍ ସେ ଝାଡୁଟା ଫିଙ୍ଗି ଦେଇ ଘର ଭିତରକୁ ପଶିଗଲା ଓ ଜାଗା ଖୋଜିଲା କୋଉଠି ତାକୁ ନିରାପଦରେ ରଖିବ। ହେଲେ ତାକୁ କୌଣସି ଜାଗା ଏଥିପାଇଁ ପସନ୍ଦ ହେଲାନି। ଏଣୁ ସେ ଧାଇଁଲା ଗାଁ ମୁଣ୍ଡରେ ଥିବା ଏକ ତନ୍ତୀ ଘରକୁ। ତାକୁ ଆଠ ଅଣା (ପଚାଶ ପଇସା) ଦେଇ କପଡ଼ା ମୁଣାଟିଏ କିଣିଲା। ତା'ପରେ ସେ ସେହି କପଡ଼ା ମୁଣା ଭିତରେ ନଅ ଟଙ୍କା ରଖିଲା।





ସେ ସମୟରେ ଗାଁରେ ଚୋର ମାତିଥାଆନ୍ତି। ଏଣୁ ପେଡ଼ିଟିଏ କିଣି ସେଥିରେ ଟଙ୍କା ରଖିବାକୁ ଚିନ୍ତାକଲା ଓ ବଢ଼େଇ ଘରକୁ ଯାଇ ବରାଦ ଦେଇ ଆସିଲା। ହେଲେ ସେତିକିରେ ତା' ମନ ମାନିଲାନି। ଭାବିଲା ସେ ନ ଥିବା ଅବସ୍ଥାରେ ଚୋର ଘର ଭିତରେ ପଶି ହୁଏତ ଟଙ୍କା ନେଇଯାଇପାରେ। ଏମିତି ଭାବି ଭାବି ସେ ଠିକ୍ କଲା ଘରେ ତାଲାଟିଏ ପକାଇବ। ଏଣୁ ସଙ୍ଗେ ସଙ୍ଗେ ଦୋକାନକୁ ଯାଇ ଟଙ୍କାଟିଏ ଦେଇ ମଜଭୁତ ତାଲାଟିଏ କିଣି ଆଣିଲା। ସଞ୍ଜ ବେଳକୁ ବଢ଼େଇ ପେଟିଟିଏ ଧରି ଆସି ପହଞ୍ଚିଗଲା। ସେଇଟି ଭାରି ସୁନ୍ଦର ହୋଇଥିଲା। ବୁଢ଼ୀ ମନକୁ ତାହା ଖୁବ୍ ପାଇଲା। ଏଥର ତା' ଟଙ୍କା ନିରାପଦରେ ରହିପାରିବ ବୋଲି ସେ ମନେ ମନେ ବିଚାରିଲା।

ତା'ପରେ ବଢ଼େଇ ମଜୁରି ମାଗିଲା, ତାହା ପୁଣି ଆଠ ଟଙ୍କା ଆଠ ଅଣା। କିଛି ବିଚାର ନ କରି ବୁଢ଼ି ମନ ଖୁସିରେ ତାହା ଗଣିଦେଲା। ହେଲେ ତା'ପରେ ଯେତେବେଳେ ସେ ତା' ଭିତରେ ଟଙ୍କା ରଖିବାକୁ ମୁଣା ଖୋଲିଲା, ଦେଖିଲା ସେଇଟା ଖାଲି। ସେଥିରେ ଆଉ କିଛି ଟଙ୍କା ନ ଥିଲା। ତାହାହେଲେ ପେଡ଼ିରେ ଏବେ ସେ ରଖିବ କ'ଣ ? ତାକୁ ଖୋଲି ତା' ଭିତରକୁ କେବଳ ବୋକା ଭଳି ଚାହିଁ ରହିଲା।

**– କନକଲତା ପରିଡ଼ା**
ଉଷା ନିବାସ, ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ : ୭୩୮୧୬୬୯୫୫୪

## ଖିଲି ଖିଲି ହସ


ରିଙ୍କି– କହିଲୁ ଟିଙ୍କି, କ୍ଲାସିକାଲ ଡ୍ୟାନ୍ସ କାହାକୁ କହିବା ?
ଟିଙ୍କି– ବହୁତ ସିମ୍ପଲ୍, ଯେଉଁ ଡ୍ୟାନ୍ସଟି କ୍ଲାସ୍‌ରୁ ଆରମ୍ଭ ହୁଏ, ତାକୁ ଆମେ କ୍ଲାସିକାଲ ଡ୍ୟାନ୍ସ କହିବା।

ମିଣ୍ଟୁ : ଚିଣ୍ଟୁ, ଷ୍ଟ୍ରିଟ୍ ଲାଇଟ୍‌ରେ କ'ଣ ଖୋଜୁଛୁ ?
ଚିଣ୍ଟୁ: ମୋ ଟଫିଟା ହଜିଯାଇଛି
ମିଣ୍ଟୁ: କେଉଁଠି ?
ଚିଣ୍ଟୁ: ଘରେ।
ମିଣ୍ଟୁ: ହେଲେ ଏଠି କାହିଁକି ଟଫି ଖୋଜୁଛୁ ? ,
ଚିଣ୍ଟୁ: ଘରେ ବହୁତ ଅନ୍ଧାର ତ ସେଠି ଖୋଜିପାରିବିନି, ସେଥିପାଇଁ ଏଠି ଖୋଜୁଛି ।

ପ୍ରଥମ ସାଙ୍ଗ : ମୁଁ ଜୋତା ଦୋକାନୀକୁ ବୋକା ବନାଇଲି।
ଦ୍ୱିତୀୟ ସାଙ୍ଗ: କେମିତି ?
ପ୍ରଥମ ସାଙ୍ଗ: ମୁଁ ଗୋଟିଏ ଜୋତା ଦାମ୍‌ରେ ଦୁଇଟି ଜୋତା କିଣିଲି।
ଦ୍ୱିତୀୟ ସାଙ୍ଗ : ଏପରି କେମିତି ହେଲା ?
ପ୍ରଥମ ସାଙ୍ଗ : ମୁଁ କିଣିଥିବା ଗୋଟିଏ ଜୋତା ଉପରେ ଦାମ୍ ଲେଖା ହୋଇଥିଲା, ହେଲେ ଆଉ ଗୋଟିଏ ଜୋତା ଉପରେ କିଛି ଲେଖା ହୋଇ ନ ଥିଲା।

# ସବୁଠୁ ବଡ଼ ଅଙ୍ଗ

**ମଣିଷ ଶରୀରରେ ଥିବା ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ସବୁଠୁ ବଡ଼ ଅଙ୍ଗ ହେଉଛି ଚର୍ମ। ଏହା ଶରୀରର ସବୁ ଅଂଶ ଯଥା କେଶ, ନଖ, ସ୍ନାୟୁ ଓ ଅନ୍ୟ ସମସ୍ତ ଗ୍ରନ୍ଥି ସହିତ ଜଡ଼ିତ ହୋଇ ରହିଥାଏ।**




❖ଚର୍ମ ଏଭଳି ଏକ ଅଙ୍ଗ ; ଯାହା ମାଧ୍ୟମରେ ଆମେ ଥଣ୍ଡା, ଗରମ, ସ୍ନେହ, ମମତା, କଷ୍ଟ, ଶାନ୍ତି ଆଦି ବିଭିନ୍ନ ପ୍ରକାରର ଅନୁଭବ କରିପାରୁ।

❖ଚର୍ମ ଦେଖିବା ପାଇଁ ସୁନ୍ଦର, ଅସୁନ୍ଦର କିମ୍ବା ସାଧାରଣ ହୋଇପାରେ। କିନ୍ତୁ ସମ୍ପର୍କ ଗଢ଼ିବାରେ ଏହି ଅଙ୍ଗ ବିଶେଷ ସହାୟକ ହୋଇଥାଏ।

❖ଚର୍ମ ହିଁ ଆମକୁ ତାପମାତ୍ରା ବୃଦ୍ଧି କିମ୍ବା ପରିବେଶର ବିଭିନ୍ନ ପରିବର୍ତ୍ତିତ ପାଣିପାଗରୁ ସୁରକ୍ଷା ଦେଇଥାଏ। ବିଭିନ୍ନ ସଂକ୍ରମଣ, ଆଘାତ କିମ୍ବା ସୂର୍ଯ୍ୟଙ୍କ ହାନିକାରକ କିରଣଠାରୁ ମଧ୍ୟ ଚର୍ମ ଶରୀରକୁ ରକ୍ଷା କରିଥାଏ।

❖ଶରୀରରେ ଭିଟାମିନ୍-ଡି ମଧ୍ୟ ତ୍ୱଚା ମାଧ୍ୟମରେ ସୃଷ୍ଟି ହୋଇଥାଏ।

❖କୌଣସି ବୟସ୍କ ବ୍ୟକ୍ତିଙ୍କ ମନୁଷ୍ୟର ଚର୍ମ ତା' ଶରୀରର ମୋଟ ଓଜନର ୧୫ ରୁ ୧୬ ପ୍ରତିଶତ ହୋଇଥାଏ। ଆଶ୍ଚର୍ଯ୍ୟର କଥା ହେଉଛି, ଯଦି ମନୁଷ୍ୟ ଶରୀରରୁ ଚର୍ମକୁ ବାହାର କରି ତଳେ ଲମ୍ବାଇ ଦିଆଯାଏ, ତେବେ ତାହା ପ୍ରାୟ ୨୨ ବର୍ଗଫୁଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ।

❖ପାଦ ତଳ ଏବଂ ହାତ ତଳର ଚର୍ମ ସବୁଠାରୁ ଅଧିକ ମୋଟା। ସେହିଭଳି ଆଖି ଉପରେ ଥିବା ଚର୍ମ ସବୁଠୁ ପତଳା ହୋଇଥାଏ।

❖ଚର୍ମର ତିନିଟି ସ୍ତର ରହିଥାଏ। ପ୍ରଥମ ସ୍ତରକୁ ଏପିଡର୍ମିସ, ଦ୍ୱିତୀୟ ସ୍ତର ଡର୍ମିସ ଓ ତୃତୀୟ ସ୍ତର ହେଉଛି ହାଇପୋଡର୍ମିସ। ଚର୍ମର ପ୍ରଥମ ସ୍ତର ଏପିଡର୍ମିସକୁ ଆମେ ଦେଖିପାରୁ ଓ ଛୁଇଁପାରୁ। ଏହା ଶରୀର ମଧ୍ୟକୁ କୌଣସି ପ୍ରକାରର କୀଟାଣୁ କିମ୍ବା ସଂକ୍ରମଣରୁ ରକ୍ଷା କରିଥାଏ।

❖ଚର୍ମ ହେଉଛି ଶରୀରର ସବୁଠୁ ବଡ ଅଙ୍ଗ। ଏହା ପାଣି, ପ୍ରୋଟିନ୍, ଫ୍ୟାଟ ଓ ମିନେରାଲରେ ତିଆରି ହୋଇଥାଏ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ରଙ୍ଗ ଦିଅ



## ମତାମତ

▶▶ଗତ ସପ୍ତାହରେ ପ୍ରକାଶିତ 'କାହାଣୀ' ବିଷୟଟି ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହୋଇପାରିଛି।

**– ସୁପ୍ରିୟା ସାହୁ, କେନ୍ଦ୍ରାପଡ଼ା**

▶▶ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ନିୟମିତ ସ୍ତମ୍ଭଗୁଡ଼ିକ ଭଲ ଲାଗୁଛି।

**– ତନ୍ମୟୀ ପ୍ରିୟଦର୍ଶିନୀ, ରାଉରକେଲା**

▶▶ଗତ ସପ୍ତାହର 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋଦ୍ୱୟ ବେଶ୍ ସୁନ୍ଦର ଲାଗୁଛି।

**– ମାମାଲି ନାୟକ, ବାରିପଦା**

▶▶ 'ସାବାସ୍ କୁନା' ଗପଟି ପଢ଼ି ଭଲ ଲାଗିଲା।

**– ଶ୍ରେୟାଂଶ କୁମାର ଦାସ, ଅନୁଗୋଳ**

▶▶ 'କୁହୁକ ଦର୍ପଣ' ବିଷୟ ପଢ଼ି କିଛି ନୂଆ କଥା ଜାଣିହେଲା।

**– ଅନିକେତ ରାଉତ, ବଡ଼ବିଲ, କେନ୍ଦୁଝର**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ଏବର୍ଷ ପ୍ରବଳ ଖରାପାଇଁ ଆଗୁଆ ହୋଇଛି ଛୁଟି । ବର୍ଷର ସବୁଠୁ ବଡ଼ଛୁଟି । ଏଥିସହ ଆରମ୍ଭ ହେଲାଣି ଅନ୍‌ଲାଇନ୍ କ୍ଲାସ । ଆଉ ଏଥର ଘରେ ଅଧିକ ଦିନ ରହିବାକୁ ପଡ଼ିବ । ଘରେ ରହି କ୍ଲାସ କରୁଥିଲେ ବି ପିଲାଙ୍କ ଖୁସି କହିଲେ ନସରେ...

# ଖରାଛୁଟିରେ...

ମନକୁ ହାଲୁକା କରି ନୂଆ ଉତ୍ସାହ ଭରିଥାଏ ଛୁଟି । ତେବେ ପିଲାଙ୍କ ପାଇଁ ଖରାଛୁଟିର ଆକର୍ଷଣ ନିଆରା । ବର୍ଷର ସବୁଠୁ ଲମ୍ବା ଛୁଟି । ତେଣୁ ବୁଲାବୁଲି, ମଜାମସ୍ତି କିମ୍ବା ଅନ୍ୟ କିଛି କରିବା ପାଇଁ ଢେର୍ ସମୟ ମିଳିଥାଏ । ଖରାଛୁଟି ଏମିତି ଏକ ସମୟ, ଯେତେବେଳେ ଗୋଟିଏ ଶ୍ରେଣୀର ପାଠପଢ଼ା ସରିଥାଏ ଆଉ ଏକ ଶ୍ରେଣୀର ନୂଆ ପାଠ ଆରମ୍ଭ ହୋଇଥାଏ । ତେଣୁ ଗୋଟିଏପଟେ ନା ଥାଏ ପାଠର ବୋଝ ନା ଥାଏ ପରୀକ୍ଷା ଚିନ୍ତା । ହାଲୁକା ମନରେ ନୂଆ କ୍ଲାସ୍‌ର ପାଠ ଆରମ୍ଭ କରିବା ଭିତରେ ମଜାମସ୍ତିର ବି ଅବସର ମିଳିଥାଏ । ତେବେ ଏଥର ଛୁଟିରେ କିଏ କ'ଣ କରିବାକୁ ଯୋଜନା କରିଛନ୍ତି ସେନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## ମାମୁଘରକୁ ଯିବି



ଖରାଛୁଟିରେ ମାମୁଘରକୁ ତ ନିଶ୍ଚୟ ଯିବି । ଏବେ ଅବଶ୍ୟ ଅନ୍‌ଲାଇନ କ୍ଲାସ ଚାଲିଛି । ମାମୁଘରେ ରହିଲେ ବି ଏହି କ୍ଲାସ କରିପାରିବି । ଆଉ ମାମୁଙ୍କ ଗାଁରେ ଚନ୍ଦନ ଯାତ୍ରା ଓ ମେଳା ହୁଏ । ସେଥିପାଇଁ ସେଠାକୁ ସବୁ ମାଉସୀ ଓ ସେମାନଙ୍କ ପୁଅ ଝିଅ ବି ଆସିଥା'ନ୍ତି । ସମସ୍ତେ ଏକାଠି ହେଲେ ମତେ ବହୁତ ମଜା ଲାଗେ । ପୁଣି ମାମୁଘର ନଈକୂଳରେ ହୋଇଥିବାରୁ ସେଠି ରହିବାକୁ ବହୁତ ଭଲ ଲାଗେ । ଏଥିସହ ସମସ୍ତେ ମିଶି ନନ୍ଦନକାନନ ବି ବୁଲିବାକୁ ଯିବୁ । ତାପରେ ଘରକୁ ଫେରି ଆସିବି ।

**–ସାଇ ଶାଶ୍ୱତ ବେହେରା,** କ୍ଲାସ୍-୫, ନିୟୁ ଇଣ୍ଡିଆ ପବ୍ଲିକ ସ୍କୁଲ, ଗୋପାଳପୁର, କଟକ

## ଗାଁରେ ରଜ ପାଳିବି



ଏବର୍ଷ ଖରାଛୁଟିରେ ବେଶି ବୁଲାବୁଲି କରିପାରିବି ନାହିଁ । ଦଶମ ଶ୍ରେଣୀ ହୋଇଥିବାରୁ ଅନ୍‌ଲାଇନ କ୍ଲାସ, ଟ୍ୟୁଶନ୍ ସହ ପଢ଼ାପଢ଼ି କରିବାକୁ ହେବ । ତେବେ ସ୍କୁଲ ଛୁଟିଥିବାରୁ ମଝିରେ ଆମେ ଫ୍ୟାମିଲି ପିକ୍‌ନିକ୍‌ରେ ପୁରୀ, କୋଣାର୍କ ଯିବୁ, ଆଉ ଭୋଜି କରିବୁ । ରଜବେଳେ ତ ଗାଁକୁ ନିଶ୍ଚୟ ଯିବି । ଗାଁରେ ସପ୍ତାହେ ରହିବି ବୋଲି ଆଗୁଆ ପ୍ଲାନ କରିଚି । ସେଇ ସମୟରେ ଗାଁକୁ ମୋର ପିଯୁସୀ ଓ ତାଙ୍କ ପିଲାମାନେ ଆସିବେ । ସେଠାରେ ସମସ୍ତଙ୍କ ସହ ବେଶ୍ ମଜା କରି ଘରକୁ ଫେରିବି ।

**–ସ୍ୱୟଂଭୂ ପରିଡ଼ା,** କ୍ଲାସ୍-୧୦, ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍-୨, ସତ୍ୟଭାମାପୁର, ଭୁବନେଶ୍ୱର

## ବୁଲିବାକୁ ଯିବି



ଖରାଛୁଟିରେ ମୁଁ ହଷ୍ଟେଲରୁ ଘରକୁ ଆସିଛି । ବର୍ଷକ ପରେ ଏତେ ଲମ୍ବା ଛୁଟି ହୋଇଥିବାରୁ ମନ ବହୁତ ଖୁସି । ଘରକୁ ଆସିଚି ବୋଲି ମାମା ତ ମୋ'ଠାରୁ ବେଶି ଖୁସି ଅଛି । ଏବେ ଛୁଟିରେ କିଛି ଦିନ ଘରେ ରହିବା ପରେ ମାମା ସହିତ ମାମୁଘରକୁ ବି ଯିବି । ମାମୁଘରେ ସମସ୍ତଙ୍କ ସହ ନନ୍ଦନକାନନ, ପ୍ଲାନେଟୋରିୟମ୍ ଓ ସାଇନ୍ସ ପାର୍କ ବୁଲିବାକୁ ଯିବାର ପ୍ଲାନ ରହିଛି । ତା'ପରେ ଘରକୁ ଆସିବି । ଛୁଟି ସରିବା ଯାଏ ଘରେ ରହିବା ପରେ ହଷ୍ଟେଲକୁ ଯିବି । ବୁଲାବୁଲି ସହିତ ମୋର ବହୁତ ହୋମ୍‌ୱର୍କ ବି ଅଛି, ସବୁ କରିବାକୁ ହେବ । ସେଥିପାଇଁ ସବୁଦିନ କିଛି ସମୟ ପାଠ ପଢୁଛି ।

**– ଅର୍ଣ୍ଣବ ପଟ୍ଟନାୟକ,** କ୍ଲାସ୍-୭, ଜବାହର ନବୋଦୟ ବିଦ୍ୟାଳୟ, ରାହାମା, ଜଗତ୍‌ସିଂହପୁର



## ମଜା କରିବି




ସ୍କୁଲ ସିନା ଛୁଟି ହେଇଛି, ଅନ୍‌ଲାଇନ କ୍ଲାସ୍ ଚାଲିଛି । ଆଉ ଟ୍ୟୁଶନ୍ ଛୁଟି ହେବ ନାହିଁ ବୋଲି ସାର୍ କହିଛନ୍ତି । କେବଳ ରଜ ସମୟରେ ଅଳ୍ପ କେଇ ଦିନ ଛୁଟି ହେବ । ତେଣୁ ସେଇ ସମୟରେ ମାମୁଘରକୁ ଯିବି । କିନ୍ତୁ ଏବେ ତ ଛୁଟିରେ ଦିଦି ସାଙ୍ଗେ ଖେଳିବି ଆଉ ପ୍ରତି ଶନିବାର ଦିନ ଗାଁକୁ ଯିବି । ଆମ ଗାଁ ଏଇଠୁ ଅଳ୍ପ ଦୂର, ତେଣୁ ସେଠି ଶନିବାର, ରବିବାର ରହିବା ପରେ ସୋମବାର ଏଠାକୁ ଆସିବି । ଗାଁରେ ଜେଜେ ଓ ଜେଜେମା'ଙ୍କ ସହ ସମୟ କାଟିବି, ନଦୀରେ ଗାଧୋଇବି, ଖୁବ୍ ମଜା କରିବି । ଛୁଟିରେ ମୁଁ ଘରେ ଟିଭିରେ ମନ ପସନ୍ଦର କାର୍ଟୁନ ଶୋ' ଦେଖିବି ବୋଲି ମାମାକୁ କହି ଦେଇଛି । ଏସବୁ ଭିତରେ ନୂଆ କ୍ଲାସର ପାଠ ବିଷୟରେ ଟ୍ୟୁଶନରେ ଆଗୁଆ ପଢ଼ିବି ।

**– ସାଇପ୍ରସାଦ,** କ୍ଲାସ୍-୭, ସାଲେପୁର ଇଂଲିଶ୍ ମିଡିୟମ୍ ସ୍କୁଲ, କଟକ


୧


୨


୩


୪


୫


୬


୭


୮

୧

**ଆରାଧ୍ୟା କର**

କ୍ଲାସ- ୨, ସେଣ୍ଟ ଜୋଶେଫ ହାଇସ୍କୁଲ, ରାମମନ୍ଦିର ସ୍କୋୟାର, ଭୁବନେଶ୍ୱର





**ଦୀପଶିଖା ଦାଶ**

କ୍ଲାସ- ୩, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

୨

୩

**ଓମ୍ ଜିଗର ପଟ୍ଟନାୟକ**

କ୍ଲାସ- ୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





**ନିଖିଳ ଗୌଡ଼**

କ୍ଲାସ- ୫, ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମପୁର, ଗଞ୍ଜାମ

୪

୫

**ପ୍ରାଚୀପଦ୍ମା ତ୍ରିପାଠୀ**

କ୍ଲାସ- ୧, ବିକାଶ ଗ୍ଲୋବାଲ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





**ଶ୍ରୀୟମ୍ ସ୍ୱସ୍ତିକ ସ୍ୱାଇଁ**

କ୍ଲାସ-୨, କାଳିଆବୋରା ପ୍ରାଥମିକ ବିଦ୍ୟାଳୟ, ଜଗତସିଂହପୁର

୬

୭

**ପି. ବିଷ୍ଣୁପ୍ରିୟା**

କ୍ଲାସ- ୭, ଆଦର୍ଶ ବିଦ୍ୟାଳୟ, ଛତ୍ରପୁର, ଗଞ୍ଜାମ





**ଅମ୍ଲାନ ପ୍ରଧାନ**

କ୍ଲାସ-୩, ଓଡିଏମ୍ ପବ୍ଲିକ ସ୍କୁଲ, ନୀଳାଦ୍ରିବିହାର, ଭୁବନେଶ୍ୱର

୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଛତୁଭଳି ହୀରା ମୁଦି



ଗୋଟିଏ କି ଦୁଇଟି ନୁହେଁ, ୨୪ ହଜାର ୬୭୯ଟି ହୀରାରେ ତିଆରି ହୋଇଛି ଏକ ସୁନା ମୁଦି। ଏହି ମୁଦିଟି ତିଆରି ହୋଇଛି ମସ୍‌ରୁମ୍ (ଛତୁ) ଡିଜାଇନ୍‌ରେ। ଏତେଗୁଡ଼ିଏ ହୀରା ଗୋଟିଏ ମୁଦିରେ ଲାଗିଥିବାରୁ ଏବେ ଏହି ମସ୍‌ରୁମ୍ ଷ୍ଟାଇଲ୍ ମୁଦିଟି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ମୁଦିଟିକୁ ତିଆରି କରିଛି କେରଳର ଏସ୍‌ଡବ୍ଲୁଏ ଡାଏମଣ୍ଡ ଜୁଏଲେରି। ଛତୁ ଭଳି ଦେଖାଯାଉଥିବା ଏହି ମୁଦିଟିର ନାଁ ରହିଛି 'ଅମି'। ଏଥିରେ ମୋଟ ୪୧ଟି ସୁନାରେ ତିଆରି ଛତୁର ପାଖୁଡ଼ା ରହିଛି। ଏହାପରେ ଏଥିରେ ପ୍ରତି ପାଖୁଡ଼ାର ଦୁଇପଟରେ ବେଶ୍ ସୁନ୍ଦରଭାବରେ ଛୋଟ ଛୋଟ ହୀରାକୁ ଲଗାଯାଇଛି। ଗୋଟିଏ ମୁଦିରେ ଏତେଗୁଡ଼ିଏ ହୀରାକୁ ଏକ ସଙ୍ଗରେ ଲଗାଯାଇଥିବାରୁ ଏବେ ଏହା ଗିନିଜ୍ ବୁକରେ ସ୍ଥାନ ପାଇଛି। ୩୪୦ ଗ୍ରାମ୍‌ର ଏହି ମୁଦିଟିର ଦାମ୍ ରହିଛି ୯୫ ହଜାର ୨୪୩ ଡଲାର। ତେବେ ମୁଦିର ଡିଜାଇନ୍ ଆକର୍ଷଣୀୟ ହେବା ସହ ଗିନିଜ୍ ବୁକରେ ସ୍ଥାନ ପାଇଥିବାରୁ ଏବେ ଏହାକୁ ପ୍ରସ୍ତୁତ କରିଥିବା ଜୁଏଲେରି ଦୋକାନର ମାଲିକ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।



## ଧରାକୁ ଆସିଛି ଖରା

ଏ ସନ ଦେଖ ଆସିଲାଣି ଖରା
ହୁ ହୁ ହୋଇ ଜଳିଲାଣି ଧରା।
ଶୁଖିଯାଉଛି ନଈ ନାଳ ସରୋବର
ଜଳ ପାଇଁ ଜୀବ ହୁଏ ହାହାକାର।
ଖରାର ପ୍ରକୋପ ଦେଖି ସରକାର
କିଳିଦେଲେ ପରା ବିଦ୍ୟାଳୟ ଦ୍ୱାର।
ଏଣୁ ପିଲେ ତୁମେ ଘରେ ରହି
ପାଠ ପଢୁଥିବ ମନ ଲଗାଇ।
ଅଯଥା ଖରାରେ ବୁଲିବ ନାହିଁ
ନିଶ୍ଚେ ପିଇବ ପେଯ ଘୋଳଦହି।
ନିହାତି ଯଦି ବାହାରକୁ ଯିବ
ଛତା ପାଣି ବୋତଲ ନିଶ୍ଚୟ ନେବ।
ଏସବୁ ସାଥିରେ ଥିଲେ ସଦାବେଳେ
ଅଂଶୁଘାତରୁ ପରା ମୁକ୍ତି ଯେ ମିଳେ।
ପାଣିପାଗର ଏ ଅଜବ ପରିବର୍ତ୍ତନ
ଚିନ୍ତାରେ ଏବେ ସବୁ ବୁଦ୍ଧି ଜନ।
ବୈଜ୍ଞାନିକ କୁହନ୍ତି ଏସବୁ ପାଇଁ
ପରିବେଶ ନଷ୍ଟ ମୁଖ୍ୟତଃ ଦାୟୀ।
ଆସ ଆଜି ଆମେ ଶପଥ ନେବା
ପରିବେଶକୁ ନିଶ୍ଚେ ସୁରକ୍ଷା ଦେବା।

**– ଲାଲମୋହନ ମାଝି**
ରାଇହରି, ବିଜାତଳା, ମୟୂରଭଞ୍ଜ
ମୋ: ୭୮୫୩୮୧୩୯୧୦

## ବଇଶାଖ ଖରା

ବଇଶାଖ ଖରା ତତେଇଲା ଧରା
ସର ସର ଝାଳ ଝରେ,
ପଖାଳ ଖାଇବା ଇଚ୍ଛା ତ ବଳିଲା
ଗରମ ତାତି ରଡ଼ରେ।
ଶୁଖି ମରିଗଲା ପଡ଼ିଆର ଘାସ
ପୋଖରୀରେ ନାହିଁ ଜଳ,
ଖରାରେ ବୁଲିଲେ ଝାଇଁ ମାରିଯାଏ
କମିଯାଏ ଦେହୁ ବଳ।
ଫୁଟି ବାସିଯାଏ ମହ ମହ ମଲ୍ଲୀ
ଶୁଖିଲା ହେଲାଣି ନଈ,
ଗଛ ଛାଇ ତଳେ ବସି ଗୀତଗାଏ
ରାଉତଘରର ବଈ।
ବଗିଚାର ଗଛ ଝାଉଁଳି ଯାଇଛି
ଦୁଃଖ କରେ ମାଳୀଭାଇ,
କିପରି ଗୁନ୍ଥିବ ଫୁଲ ହାରସିଏ
ଜଗା ବଳିଆଙ୍କ ପାଇଁ।
କୋଉ ମୁଲକରେ ଲୁଚିଚି ବରଷା
ଆସିବ ନିଦାଘ ପରେ,
ହସିବ ବଣର ସବୁଜ ସୁଷମା
ଶୀତଳ ପରଶ ଭରେ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦






## ନଦୀ

ନଦୀ ଆମର କେଡ଼େ ସୁନ୍ଦର
ସେ କରେ ଆମ ଉପକାର।
ନଦୀର ପାଣି ଛଳଛଳ
ତା'ର ସଙ୍ଗୀତ କଳକଳ।
ନଦୀକୁ ଦୂଷିତ କର ନାହିଁ
ନହେଲେ ହେବ ରୋଗ ଭାଇ।
ଦୂଷିତ ଜମା ନ କରିବା
ସଫା ପାଣିକୁ ଆମେ ପିଇବା।
ଆବର୍ଜନା ଆଉ ନ ଫିଙ୍ଗିବା
ନଦୀକୁ ସଦା ସଫା ରଖିବା।
ନଦୀ ବିନା ରହିପାରିବା ନାହିଁ
ଆସ ତାକୁ ସ୍ୱଚ୍ଛ ରଖିବା ଭାଇ।

**– ଜ୍ୟୋତ୍ସ୍ନାମୟୀ ଦାସ**
ଶୁକ୍ଲିମୁଣ୍ଡି, ନୂଆପଡ଼ା

## ଏଥରର




- କମ୍ପ୍ୟୁଟର ସାଇନ୍ସର ଜନକ କିଏ ?
- ପର୍ସନାଲ କମ୍ପ୍ୟୁଟରର ଉଦ୍ଭାବକ ?
- ଇଲେକ୍ଟ୍ରୋନିକ୍ କମ୍ପ୍ୟୁଟର ପ୍ରଥମେ କିଏ ବାହାର କରିଥିଲେ ?
- କମ୍ପ୍ୟୁଟରର ବୈଜ୍ଞାନିକ ନାମ କ'ଣ ?
- କମ୍ପ୍ୟୁଟରର ବ୍ରେନ୍ କାହାକୁ କହନ୍ତି ?

## ଗତଥରର

- ଡ. ବି. ଆର. ଆମ୍ବେଡକର
- ଇନ୍ଦିରା ଗାନ୍ଧୀ
- ଶ୍ରୀନଗର
- ଜୟପ୍ରକାଶ ନାରାୟଣ
- ଗଙ୍ଗା



## କହିଲ ଦେଖି

କି ଶୀତ କାକର ଖରା ବରଷା
ସବୁରି ପାଇଁ ସେ ସାଜେ ଭରସା
ଶୀତଳ ପବନ ସିଏ ବିତରେ
ରହିଥାଏ ସଦା ଲୋକ ହିତରେ
ବିଜୁଳି ଅଟଇ ତା'ର ଆହାର
ବଇରି ନୁହେଁ ସେ କେବେ କାହାର
ଭାରି ଉପକାରୀ ପ୍ରିୟ ସବୁରି
କେ କହିପାରିବ ନାମ ତାହାରି ?



ଉ– **ପଙ୍ଖା**

ପାଦରେ ଥିଲେ ସେ ଖରା ବରଷାକୁ
ନଥାଏ ଏତେଟା ଭୟ,
ପାଦର ସୁରକ୍ଷା କରଇ ସେ ହସି
ସୁରକ୍ଷା ହିଁ ତା'ର ଲୟ।
ଚାଲି ଚାଲି ସିଏ ନିଜେ ସିନା ସରେ
କରେ ନାହିଁ ପ୍ରତିବାଦ,
ସେ ଥିଲେ ପାଦରେ ଟଳିଯାଏ ଆପେ
କେତେ ଝଡ଼ ପରମାଦ।
ତା' ନାମ କହିବ ଯିଏ
ଗଣିବି ମୁଁ ତାକୁ ତୁମରି ମେଳରେ
ସେ ତ ସୁନା ପିଲାଟିଏ।



ଉ– **ଜୋତା**

କଳା ନାଲି ନୀଳ ତା' ଦେହର ରଙ୍ଗ
କେତେ ହାତ ବାହୁ କେତେ ତା' ଅଙ୍ଗ,
କନା ପଲିଷ୍ଟରରେ ତା' ଦେହ ଗଢ଼ା
ଖରା ବରଷାରୁ ଦିଏ ସୁରକ୍ଷା,
ପଥିକ ପାଇଁ ସେ ଗଳାର ମାଳି
କୁହ ପିଲେ ତା'ର ନାଁ ଟି ଭାଳି ?



ଉ– **ଛତା**

**– ଅଶୋକ କୁମାର ପ୍ରଧାନ**
ରୋହିଗାଁ, ଗଞ୍ଜାମ
ମୋ: ୮୨୪୯୧୧୯୧୩୦


# ଅଜବ ବୃକ୍ଷ

ବିଶ୍ୱରେ ଭିନ୍ନ ଭିନ୍ନ ପ୍ରକାର ବୃକ୍ଷ ଦେଖିବାକୁ ମିଳେ । ତେବେ କିଛି ବିଶେଷ ଗୁଣ ପାଇଁ କେତେକ ବୃକ୍ଷ ବେଶ ଜଣାଶୁଣା । ଏଠାରେ ସେଭଳି କେତୋଟି ବୃକ୍ଷ ବିଷୟରେ ସୂଚନା ଦିଆଯାଉଛି, ତାହା ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗିପାରେ । ସେହିପରି କିଛି ଅଜବ ବୃକ୍ଷ ସମ୍ପର୍କରେ...



## ଲୋନ୍ ସାଇପ୍ରସ୍ ଟ୍ରି

ଆମେରିକାର କାଲିଫର୍ନିଆର ମୋଟେରାର ପେବଲ ସମୁଦ୍ର କୂଳରେ ଏକ ବଡ଼ ଗ୍ରାନାଇଟ୍ ଖଣ୍ଡ ରହିଛି। ଏହା ଉପରେ ଦୃଷ୍ଟିଗୋଚର ହେଉଥିବା ବୃକ୍ଷଟିର ଫଟୋ ନେବାକୁ ସେଠାକୁ ଆସୁଥିବା ପର୍ଯ୍ୟଟକ ଭୁଲି ନ ଥା'ନ୍ତି। ଉକ୍ତ ବୃକ୍ଷଟିର ନାମ ହେଲା 'ଲୋନ୍ ସାଇପ୍ରସ'। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ସେହି ଗ୍ରାନାଇଟ୍ ଖଣ୍ଡ ଉପରେ କେବଳ ଏହି ଗୋଟିଏ ବୃକ୍ଷ ରହିଛି। କେହି କେହି ତାକୁ ସମୁଦ୍ରର ଜାଗ୍ରତ ପ୍ରହରୀ ବୋଲି ସମ୍ବୋଧନ କରିଥାଆନ୍ତି। କାଲିଫର୍ନିଆର ଏହି ସ୍ଥାନକୁ ଯିବାକୁ ଅଧିକାଂଶ ପର୍ଯ୍ୟଟକ ପସନ୍ଦ କରନ୍ତି । ଆଉ ତାହାର ମୁଖ୍ୟ କାରଣ ହେଲା ଏହି ଟ୍ରି । ବୃକ୍ଷଟିର ବୟସ ପ୍ରାୟ ୨୫୦ ବର୍ଷ ହେବ ବୋଲି କୁହାଯାଉଛି ।



## ବାଓବାବ୍


ଆଫ୍ରିକାରେ ବାଓବାବ୍ ନାମକ ଏକ ବୃକ୍ଷ ଦେଖାଯାଏ, ଯାହାକୁ ବୋତଲ ବୃକ୍ଷ ବା ଓଲଟା ବୃକ୍ଷ ମଧ୍ୟ କୁହାଯାଏ। ଏହି ଗଛର କେତେକ ବିଶେଷତ୍ୱ ରହିଛି। ପ୍ରଥମ କଥା ହେଲା ଉକ୍ତ ଗଛରେ ବର୍ଷର ଅଧା ମାସ ଆଦୌ ପତ୍ର ଦେଖିବାକୁ ମିଳି ନ ଥାଏ। ହେଲେ ବାକି ଛଅ ମାସରେ ଗଛଟି ପତ୍ରରେ ପରିପୂର୍ଣ୍ଣ ହୋଇ ଉଠିଥାଏ। 'ଦ ୱାର୍ଲ୍ଡ ଟ୍ରି'କୁ ଦେଖିବାକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଏଠାକୁ ଆସିଥାଆନ୍ତି।

## ରେନ୍‌ବୋ ୟୁକାଲିପଟାସ

ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ ଫିଲିପାଇନ୍ସ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ନ୍ୟୁ ଗିନିରେ କେତେକ ରଙ୍ଗିନ୍ ଗଛ ଦେଖିବାକୁ ମିଳେ। ପୁଣି ଏହି ଗଛରେ ଇନ୍ଦ୍ରଧନୁ ପରି ସାତଟି ରଙ୍ଗ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣ ସାଜିଥାଏ । ଏହାକୁ ରେନ୍‌ବୋ ୟୁକାଲିପଟାସ ଟ୍ରି ବୋଲି ଲୋକେ କହିଥାଆନ୍ତି। ଏହିସବୁ ବୃକ୍ଷରେ ସୂର୍ଯ୍ୟକିରଣ ପଡ଼ିଲେ ଏଭଳି ଗଛଗୁଡ଼ିକର ରଙ୍ଗ ଆହୁରି ଆକର୍ଷଣୀୟ ଦେଖାଯାଏ । ବୃକ୍ଷଗୁଡ଼ିକୁ ଦେଖିଲେ ଲାଗେ ସତେଯେମିତି କେଉଁ ଚିତ୍ରଶିଳ୍ପୀ ଏହା ଉପରେ ଚିତ୍ର ଆଙ୍କିଦେଇଛି। ଏହି ବୃକ୍ଷଗୁଡ଼ିକର ଉଚ୍ଚତା ୧୦୦-୨୫୦ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ । ଏହିସବୁ ବୃକ୍ଷଗୁଡ଼ିକ ବଢ଼ିବା ସହିତ ରଙ୍ଗ ମଧ୍ୟ ବଦଳିବା ଆରମ୍ଭ କରେ ।




## ବୋଆବ ପ୍ରିଜନ୍ ଟ୍ରି



ଅଷ୍ଟ୍ରେଲିଆର କିମ୍ବାଲ ଅନ୍ତର୍ଗତ ଡର୍ବି ସହରରେ ବୋଆବ ପ୍ରିଜନ୍ ଟ୍ରି ଦେଖିବାକୁ ମିଳେ । ଆଶ୍ଚର୍ଯ୍ୟର କଥା ହେଲା ଏହି ବୃକ୍ଷଟି ୧୫୦୦ବର୍ଷ ପୁରୁଣା । ଉକ୍ତ ବୃକ୍ଷ ମଝିରେ ଏକ ଗୁମ୍ଫା ସଦୃଶ ରହିଛି । ତେଣୁ ଏହା 'ପ୍ରିଜନ୍ ଟ୍ରି' ବା 'ବନ୍ଦିଶାଳା ବୃକ୍ଷ' ଭାବରେ ଜଣାଶୁଣା । କଥିତ ଅଛି, ବହୁତ ବର୍ଷ ପୂର୍ବେ ଏହି ବୃକ୍ଷରେ ଥିବା ଗୁମ୍ଫା ସଦୃଶ ସ୍ଥାନରେ କଏଦୀମାନଙ୍କୁ ରଖାଯାଉଥିଲା । ଏହି ବୃକ୍ଷ ମଧ୍ୟକୁ ଯିବା ଆସିବା ଲାଗି ଏକ ସଂକୀର୍ଣ୍ଣ ରାସ୍ତା ରହିଥିଲା । ଏବେ ମଧ୍ୟ ଏହି ବୃକ୍ଷଟି ସେଠାରେ ରହିଛି । ଏଭଳି ଅଦ୍ଭୁତ ଗଛକୁ ଦେଖିବାକୁ ବହୁତ ପର୍ଯ୍ୟଟକ ଏଠାକୁ ଆସିଥାଆନ୍ତି ।

## ଜାଣ ଅଜଣା

### ଦାମୀ ଆମ୍ବ



ଆମ୍ବ 'ଫଳମାନଙ୍କର ରାଜା' ଭାବରେ ଜଣାଶୁଣା। ଏହି ସ୍ୱାଦିଷ୍ଟ ଫଳକୁ ପ୍ରାୟ ସମସ୍ତେ ଖାଇବାକୁ ପସନ୍ଦ କରନ୍ତି। ଆମ୍ବର କେତେକ ଭେରାଇଟି ଦେଖିବାକୁ ମିଳେ, ଯାହାର ସ୍ୱାଦ ମଧ୍ୟ ଅଲଗା ଅଲଗା। ଆମ୍ବର ସ୍ୱାଦ ଏବଂ ଆକାରକୁ ନଜରରେ ରଖି ଏହାର ନାମକରଣ କରାଯାଇଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ଏମିତି ଏକ ଖାସ୍ ଆମ୍ବ ରହିଛି, ଯାହାର ଦାମ୍ ପ୍ରାୟ ଗୋଟେ ସୌଖୀନ୍ କାର୍ ସହିତ ସମାନ। ଜାପାନର ମିଆଜାକି ସହରରେ 'ତାଇୟୋ ନୋ ତୋମାଗୋ' ନାମକ ଆମ୍ବ ଦେଖିବାକୁ ମିଳିଥାଏ। ଏହି ଆମ୍ବ ନରମ ଓ ଖାଇବାକୁ ଭାରି ମିଠା। ଏଭଳି ଆମ୍ବ ଜାପାନର କିଛି ଅଞ୍ଚଳରେ ଚାଷ କରାଯାଏ। ଜାପାନରେ ଏହି ଆମ୍ବକୁ ଉପହାର ସ୍ୱରୂପ ମଧ୍ୟ ଦିଆଯାଇଥାଏ। ଏଭଳି ଆମ୍ବ କିଣିବା ମଧ୍ୟ ସହଜ ନୁହେଁ, କାରଣ ଦୁଇଟି ଆମ୍ବର ମୂଲ୍ୟ ପ୍ରାୟ ୪୫,୦୦୦ ଡଲାର।

### ସୁନାଖଚିତ ମନ୍ଦିର



ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ବିଷୟରେ ସମସ୍ତେ ଜାଣିଛନ୍ତି। କିନ୍ତୁ ଆମ ଦେଶରେ ଏମିତି ଏକ ହିନ୍ଦୁ ମନ୍ଦିର ଅଛି, ଯେଉଁଠାରେ ୧୫୦୦ କି.ଗ୍ରା.ରୁ ଅଧିକ ସୁନା ଲାଗିଛି। ତାମିଲନାଡୁର ଭେଲୋରଠାରେ ଥିବା ଏହି ମନ୍ଦିର 'ଗୋଲ୍‌ଡେନ୍ ଟେମ୍ପଲ' ଭାବରେ ପରିଚିତ। ଏହି ମନ୍ଦିରଟି ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ପରି ବହୁତ ପ୍ରସିଦ୍ଧ। ମନ୍ଦିରଟି ୨୦୦୭ରେ ନିର୍ମିତ ହୋଇଥିଲା। ବିଶେଷ ଭାବରେ ସନ୍ଧ୍ୟା ସମୟରେ ଏହି ମନ୍ଦିରର ଦୃଶ୍ୟ ଅତ୍ୟନ୍ତ ମନୋରମ। ଉକ୍ତ ମନ୍ଦିର ଉପରେ ଆଲୋକ ପଡ଼ିବାମାତ୍ରେ ହଜାର ହଜାର ଦୀପ ଜଳିଲା ଭଳି ଦୃଶ୍ୟମାନ ହୋଇଥାଏ। ଏହାର ପରିସର ୧୦୦ ଏକରରୁ ଅଧିକ। ମନ୍ଦିର ପରିସରରେ 'ସର୍ବ ତୀର୍ଥମ୍ ସରୋବର' ନାମକ ଏକ କୁଣ୍ଡ ରହିଛି। ଦେଶର ବିଭିନ୍ନ ନଦୀରୁ ଜଳ ଆଣି ଏଠାରେ ମିଶ୍ରଣ କରି ରଖାଯାଇଛି। ମନ୍ଦିରକୁ ୨୪ ଘଣ୍ଟିଆ ଦୃଢ଼ ସୁରକ୍ଷା ବଳୟରେ ରଖାଯାଇଛି।

# ଆ ଇ ନା



ପ୍ରିୟାଂଶୀ ପ୍ରେରଣା ବ୍ରହ୍ମା
୮ ବର୍ଷ, ଭୁବନେଶ୍ୱର



ଆଲିଶା ସେଠୀ
୬ ବର୍ଷ, ଢେଙ୍କାନାଳ